# ଭାରତୀୟ ଜନତା ପାର୍ଟି, ଓଡିଶା

ଶାଳପତ୍ର ଓ ସବାଇ ଘାସରୁ ପ୍ରସ୍ତୁତ ସମସ୍ତ ସାମଗ୍ରୀ ଉପରେ ଜିଏସଟି ଛାଡ ପ୍ରସଙ୍ଗରେ

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି କୃତଜ୍ଞତା ଜଣାଇଲେ ଓଡିଶା ସବାଇ ଘାସ ଓ ଶାଳ ପତ୍ର ମହାସଂଘର କର୍ମକର୍ତା

**ଭୁବନେଶ୍ୱର,ତା୧୨/୮ :** ଦେଶର ଗରୀବଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସର୍ବଦା ପ୍ରତିଶୃତିବଦ୍ଧ । ଗତ ୨୧ ତାରିଖରେ ଅନୁଷ୍ଠିତ ୨୮ତମ ଜିଏସଟି କାଉନସିଲ ବୈଠକରେ ଶାଳ ଓ ଶିଆଳି ପତ୍ର ଏବଂ ସେଥିରୁ ଉତ୍ପାଦନ ହେଉଥିବା ଖଲି ଓ ଦନା, ସବାଇ ଘାସରୁ ନିର୍ମିତ ଦଉଡି, ଫୁଲ ଝାଡୁ, ପଥର–ମାର୍ବଲ –କାଠ ନିର୍ମିତ ମୂର୍ତି, ରାକ୍ଷୀ ଆଦିକୁ ମଧ୍ୟ ଜିଏସଟି ମୁକ୍ତ କରାଯିବାର ନିଷ୍ପତି ହୋଇଛି । ଏହି କାରଣରୁ ଆଦିବାସୀବହୁଳ ରାଜ୍ୟ ଭାବେ ପରିଚିତ ଓଡିଶାର ଜଙ୍ଗଲ ଉପରେ ନିର୍ଭର କରି ବସବାସ କରୁଥିବା କୋଟି କୋଟି ଆଦିବାସୀ ଏବଂ ତାଙ୍କ ପରିବାରର ଆର୍ଥିକ ସ୍ୱଚ୍ଛତା ବୃଦ୍ଧି ପାଇବ । ଏହି ନିଷ୍ପତି ଫଳରେ ବିଶେଷ କରି ରାଜ୍ୟର ମୟୁରଭଂଜ, ସୁନ୍ଦରଗଡ, କୋରାପୁଟ, ରାୟଗଡା, କନ୍ଧମାଳ, ଫୁଲବାଣୀ ଭଳି ଆଦିବାସୀବହୁଳ ଜିଲ୍ଲାମାନଙ୍କରେ ଗରୀବ ଲୋକମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହେବା ସହ ସେମାନେ ବିକାଶ ସହ ଯୋଡି ହେବେ । ସେହିପରି ରାଜ୍ୟର ଅଗଣିତ ଆଦିବାସୀଙ୍କ ବୃହତ ସ୍ୱାର୍ଥକୁ ସର୍ବଦା ପ୍ରାଧାନ୍ୟ ଦେଇ ସବୁ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟ କରି ଆସୁଛନ୍ତି । ଜଙ୍ଗଲଜାତ ଦ୍ରବ୍ୟ ଉପରେ ଜିଏସଟି ଛାଡ କରିବାରେ ଶ୍ରୀ ପ୍ରଧାନଙ୍କ ଅବଦାନ ଅତୁଳନୀୟ ।

କେନ୍ଦ୍ର ସରକାରଙ୍କ ଏହି ଐତିହାସିକ ନିଷ୍ପତି ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପ୍ରତିବଦ୍ଧତା ପାଇଁ ଆଜି ଓଡିଶା ସବାଇ ଘାସ ଓ ଶାଳପତ୍ର ମହାସଂଘର ଶତାଧିକ କର୍ମକର୍ତା ଏବଂ ଏହା ଉପରେ ନିର୍ଭର କରୁଥିବା ବହୁ ସଂଖ୍ୟାରେ ଆଦିବାସୀମାନେ ଏକାଠି ହୋଇ ରାଜ୍ୟ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**